**ବିଦ୍ୟାଳୟ ପାଇଁ ନେତୃତ୍ୱ ପ୍ରଦାନ: ପିତାମାତାଙ୍କ ସଂପୃକ୍ତି**

| ଓଡ଼ିଆ |
|---|
| ଆମେ ଯେତେବେଳେ ଅଭିଭାବକ-ଶିକ୍ଷକ ବୈଠକ ଡକାଉଥିଲୁ, ଖୁବ୍ କମ୍ ଅଭିଭାବକ ଆସୁଥିଲେ। ଗ୍ରାମାଞ୍ଚଳର ଅଧିକାଂଶ ପିତାମାତା ବା ଅଭିଭାବକମାନେ ଅଭିଭାବକ ଶିକ୍ଷକ ବୈଠକର ଗୁରୁତ୍ୱ ବୁଝନ୍ତି ନାହିଁ। ସେମାନେ ପ୍ରଥମ ବୈଠକକୁ ଆସିଲେ ନାହିଁ କିନ୍ତୁ ଦ୍ୱିତୀୟ ବୈଠକକୁ ଆସିଲେ।<br>ଆମେ ସେମାନଙ୍କ ସହିତ ସେମାନଙ୍କ ପିଲାର ସ୍କୁଲରେ ପାଠ ପଢ଼ା ଓ ଉପସ୍ଥାନ ବିଷୟରେ କଥାବାର୍ତ୍ତା ହେଲୁ। ସେମାନେ ମଧ୍ୟ ଆମକୁ କହିଲେ ଯେ ପିଲାମାନଙ୍କୁ ଘରେ ଅନ୍ୟ କାମ କରିବାକୁ ପଡୁଛି। ତେଣୁ ସେମାନେ ପିଲାମାନଙ୍କୁ ସ୍କୁଲକୁ ପଠାଇ ପାରିନଥିଲେ।<br>ଆମେମାନେ ମଧ୍ୟ ପିତାମାତାଙ୍କୁ ପିଲାଙ୍କ ପାଇଁ ସ୍କୁଲର ଗୁରୁତ୍ୱ ବିଷୟରେ ବୁଝାଇଥିଲୁ।<br>ଅଧିକାଂଶ ପିତାମାତା ଶିକ୍ଷାର ଗୁରୁତ୍ୱ ବୁଝନ୍ତି, କିନ୍ତୁ ସେମାନେ ଅଶିକ୍ଷିତ ହୋଇଥିବାରୁ ସେମାନେ ନିଜର ଭୂମିକା ବିଷୟରେ ହୃଦୟଙ୍ଗମ କରିନଥିଲେ, ତେଣୁ ଆମକୁ ସେମାନଙ୍କୁ ଏ ବିଷୟରେ ବୁଝାଇବାକୁ ପଡ଼ିଥିଲା।<br>ଆମେମାନେ କେତେକ ଅଭିଭାବକଙ୍କୁ ଚିହ୍ନଟ କଲୁ ଯେଉଁମାନେ ଗୋଷ୍ଠୀ ମଧ୍ୟରେ ପରିବର୍ତ୍ତନ ଆଣିପାରିବେ, ତେଣୁ ଆମେ ନିୟମିତ ସେମାନଙ୍କ ସହିତ ଟେଲିଫୋନ ଯୋଗେ କଥାବାର୍ତ୍ତା କରୁ।<br>ଧରି ନିଆଯାଉ ଯେ ଗୋଟିଏ ପିଲା କିଛି ଦିନ ଧରି ସ୍କୁଲ ଆସିଲା ନାହିଁ, ଏବଂ ତାଙ୍କର ପିତାମାତା ଉତ୍ତର ଦେଉନାହାନ୍ତି। ଆମେ ସ୍କୁଲର ଅନ୍ୟ ଜଣେ ପିଲା ମାଧ୍ୟମରେ ଖବର ପଠାଉ, ପିଲାଟି ବହୁ ଦିନ ହେଲା ସ୍କୁଲ ଆସୁନାହିଁ, ଛୁଟି ଦରଖାସ୍ତ ଦାଖଲ କରାଯାଇନାହିଁ, 'ସମସ୍ୟା କଣ' ବୋଲି ଆମେ ପଚାରୁ'।<br>ଯଦି ପିଲାଟିର ସାଂଗ ବା ପଡୋଶୀ ଆମକୁ କାରଣ କହନ୍ତି, ତାହା ପରେ ଆମେ ଏହା ନିଶ୍ଚିତ କରିବା ପାଇଁ ପିତାମାତାଙ୍କ ସହିତ ଯୋଗାଯୋଗ କରିଥାଉ। ଆମେ ସାଧାରଣତଃ ପ୍ରତି ଗାଁର ଦୁଇ ଚାରିଜଣ ଅଭିଭାବକଙ୍କ ସହ ସଂପର୍କରେ ରହିଥାଉ। ତାହା ପରେ ସେମାନେ ପିଲାଟିର ଘରକୁ ଯାଇଥାଆନ୍ତି ଓ ଆମର ବାର୍ତ୍ତା ଜଣାଇଥାନ୍ତି।<br>ତାହା ପରେ ଆମେ ପିଲାଟିର ପିତାମାତାଙ୍କୁ ସ୍କୁଲକୁ ଡାକିଥାଉ। ଯଦି ସେମାନେ ଆସିଥାନ୍ତି ଭଲ କଥା। କିନ୍ତୁ ପିତାମାତାଙ୍କୁ ସ୍କୁଲକୁ ଡକାଇ ଆଣିବା କାଠିକର ପାଠ ହୋଇଥାଏ। ସେମାନେ ସହଜରେ ଆସିନଥାନ୍ତି। କିନ୍ତୁ ଆଜିକାଲି ସେମାନେ ଆସିବାକୁ ଆରମ୍ଭ କଲେଣି, କାରଣ ମୁଁ ତାଙ୍କୁ ସମ୍ମାନର ସହ ସ୍ୱାଗତ କରିଥାଏ।<br>ସେମାନେ ପହଂଚିବା ପରେ ଆମେ ତାଙ୍କୁ ବସିବାକୁ ଆସନ ପ୍ରଦାନ କରିଥାଉ। ତାଙ୍କ ସହ କିଛି ସମୟ ପାଇଁ କଥାବାର୍ତ୍ତା ହୋଇଥାଉ।<br>ଯଦି ଆପଣ ଗ୍ରାମବାସୀଙ୍କୁ ତାଙ୍କର ବ୍ୟକ୍ତିଗତ ସମସ୍ୟା ବିଷୟରେ ପଚାରନ୍ତି ସେମାନେ ସେ ବିଷୟରେ କିଛି କଥା କହିଥାନ୍ତି। ତାହା ପରେ ଆମେ ସେମାନଙ୍କ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରୁ।<br>ଉଦାହରଣ ସ୍ୱରୂପ, ୧୦ ମ ଶ୍ରେଣୀରେ ଝିଅଟିଏ ଥିଲା। ତା'ର ମାଆ ଏଠାକୁ ଆସିଲେ। ସେ ବାହାଘର ପାଇଁ ଜିନିଷପତ୍ର କିଣିବାକୁ ଝିଅକୁ ଶୀଘ୍ର ଘରକୁ ନେବାକୁ ଚାହୁଁଥିଲେ। ସେ କହିଲେ ଯେ, ତାଙ୍କର ଦୁଇ ଦିନ ଛୁଟି ମଧ୍ୟ ଦରକାର। ସେ କହିଲେ ଯେ ପାଖ ଗାଁରେ ବନ୍ଧୁଘରେ ବିବାହ କାର୍ଯ୍ୟ ରହିଛି। ଝିଅଟି ମାଆଙ୍କୁ କହିଥିଲା ସ୍କୁଲରୁ ଛୁଟି ପାଇଁ ଅନୁରୋଧ କରିବା ପାଇଁ। ମୁଁ ତାଙ୍କୁ ପଚାରିଲି ବାହାଘର ମାତ୍ର ପାଞ୍ଚ କିଲୋମିଟର ଦୂରରେ, ଝିଅ କାହିଁକି ଦୁଇ ଦିନ ପାଇଁ ଅନୁପସ୍ଥିତ ରହିବ? 'ସେ ଏବେ ୧୦ ମ ଶ୍ରେଣୀରେ ପଢୁଛି। ଯାହା ପଢ଼ା ହେବ ବୁଝିପାରିବ ନାହିଁ। ଘରେ ଏଥିରେ ତା'କୁ କେହି ସାହାଯ୍ୟ କରିପାରିବେ ନାହିଁ। ମାତ୍ର ୪ କିଲୋମିଟର ଦୂର, ଆପଣ ସଞ୍ଜ ବେଳେ ଯାଇ ରାତିରେ ଫେରି ଆସିପାରିବେ।' ଝିଅ ଦୁଇ ଦିନ ଯାକ ସ୍କୁଲ ଆସିପାରିଲା ଏବଂ ସେ ଛୁଟି ନେଲା ନାହିଁ। |